# Akashvani, Sambalpur

## SAMBALPURI NEWS EVENING BULLETIN

## 28 July 2025- 7.02 pm- 7.12 pm.

*********************************************

୧- ଅପରେସନ୍ ସିନ୍ଦୁର୍ ଆତଙ୍କ୍‌ବାଦ୍ ବିରୋଧିଥି ଭାରତ୍‌ର ଦୃଢ଼୍ ପ୍ରତିବଦ୍ଧତା ଆଉ ବର୍‌କସ୍ ଜବାବ୍‌ର ପ୍ରତୀକ୍- କହେଲେ ପ୍ରତିରକ୍ଷା ମନ୍ତ୍ରୀ ।

୨- ସାଧାରଣ୍ ଲୁକ୍‌କର୍ ଅଭିଯୋଗ୍ ଶୁନ୍‌ଲେ ମୁଖ୍ୟମନ୍ତ୍ରୀ ।

- ଏବ୍‌ତକ୍ ଆସିଥିବା ଅଭିଯୋଗ୍‌ର ୯୧ ପ୍ରତିଶତ୍ ହେଇଛେ ସମାଧାନ୍ ।

୩- ବନ୍ୟା ନୁକ୍‌ସାନ୍ ରିପୋର୍ଟ ଆସ୍‌ବାର୍ ୨୪ ଘଂଟା ଭିତ୍‌ରେ ସାହାଜ୍ ଦିଆଯିବା - କହେଲେ ରାଜସ୍ୱ ମନ୍ତ୍ରୀ ।

୪- ପଂଚାୟତିରାଜ୍ ବ୍ୟବସ୍ଥାକେ ତହଁକାବାର୍ ଲାଗି ରାଜ୍ୟ ସର୍‌କାର୍ ଦେବେ ପଂଚାୟତ୍ ପୁରସ୍କାର୍ ।

ଆଉର୍

୫- ଭାରତ୍‌ର ଦିବ୍ୟା ଦେଶ୍‌ମୁଖ ହେଲେ ମହିଳା ବିଶ୍ୱକପ୍ ଚେସ୍ ଚମ୍ପିଆନ୍ ।

ଅପରେସନ୍ ସିନ୍ଦୁର୍ ଆତଙ୍କ୍ବାଦ୍ ବିରୋଧିଥି ଭାରତ୍ର ଦୃଢ଼ ପ୍ରତିବଦ୍ଧତା ଆଉ ବର୍କସ୍ ଜବାବ୍ର ପ୍ରତୀକ୍ ବଲି ପ୍ରତିରକ୍ଷା ମନ୍ତ୍ରୀ ରାଜ୍ନାଥ୍ ସିଂ କହିଛନ୍ । ଲୋକ୍ସଭା ନ ଆଏଜ୍ ପେହେଲ୍ଗାମ୍ ଆତଙ୍କ୍ବାଦୀ ଆକ୍ରମଣ୍ ଘଟ୍ନା ଆଉ ଭାରତୀୟ ସେନାର୍ ଅପରେସନ୍ ସିନ୍ଦୁର୍କେ ନେଇକରି ହେଇଥିବା ସ୍ୱତନ୍ତ୍ର ଆଲୋଚନା ବେଲେ ପ୍ରତିରକ୍ଷା ମନ୍ତ୍ରୀ ଶ୍ରୀ ସିଂ କହିଛନ୍, ଅପରେସନ୍ ସିନ୍ଦୁର୍ ଇହାଦେ ଭିଲ୍ ଚାଲିଛେ । ଯେତେବେଲେ ଭିଲ୍ ଦେଶ୍ ବିରୋଧିଥି ଆତଙ୍କବାଦୀ ଗତିବିଧି ସାମ୍ନାକେ ଆସ୍ବା ଇତାର୍ ଜରିଏ ଫେର୍ କାର୍ଯ୍ୟାନୁଷ୍ଠାନ୍ ନିଆଯିବା । ସଂଯମ୍ ରଖିବାର୍ଟା ଆମର୍ ନୀତି ଆଏ, ହେଲେ ଆତଙ୍କ୍ବାଦ୍କେ ବର୍କସ୍ ଜବାବ୍ ଦେବାର୍ଟା ଆମର୍ ପ୍ରତିବଦ୍ଧତା ଆଏ ବଲି ପ୍ରତିରକ୍ଷା ମନ୍ତ୍ରୀ କହିଛନ୍ ।

କାର୍ଯ୍ୟସୂଚୀ ଅନ୍ସାରେ ଆଏଜ୍ ଲୋକ୍ସଭା ନ ଦିନର୍ ୧୨ ବଜେନୁ ଅପରେସନ୍ ସିନ୍ଦୁର୍କେ ନେଇକରି ୧୬ ଘଂଟିଆ ଆଲୋଚନା ହେବାର୍କେ ଥିଲା ମାତରକ ବିରୋଧୀ ସଦସ୍ୟମାନ୍କର୍ ହୋହଲ୍ଲା ଲାଗି ଲୋକ୍ସଭାକେ ୩ ଟା ଖେପେ ଦିନର୍ ୨ ବଜେତକ୍ ମୁଲ୍ତବୀ ରଖାଯାଇଥିଲା । ଉପର୍ବେଲା ଗୃହ କାମ୍ ମୁଲ୍ ହେବାର୍ ଉତ୍ରୁ ଇ ବିଷେଥି ବିତର୍କ ମୁଲ୍ ହେଇଛେ । ସେଆଡ଼େ ଆଏବା କାଏଲ୍ ରାଜ୍ୟସଭା ନ ଭିଲ୍ ଅପରେସନ୍ ସିନ୍ଦୁର୍ ପ୍ରସଙ୍ଗ୍ଥି ୧୬

ଘଂଟିଆ ଆଲୋଚନା କରାଯିବା ବଲି ସଂସଦୀୟ ବ୍ୟାପାର୍ ମନ୍ତ୍ରୀ କିରେନ୍ ରିଜିଜୁ କହିଛନ୍ । ଆଏଜ୍ ରାଜ୍ୟସଭା ନ ଗୃହକାର୍ଯ୍ୟ ମୁଲ୍ ହଉନ୍‌ସାର୍ ବିରୋଧୀ ସଦସ୍ୟମାନେ ହୋହଲ୍ଲା କରିଥିଲେ । ଖେପ୍ ଖେପ୍ କରି ୨ ବଜେତକ୍ ରାଜ୍ୟସଭା ମୁଲ୍‌ତବୀ ହେଇଥିଲା । ଉପର୍‌ବେଲା ଗୃହ କାମ୍ ମୁଲ୍ ହଉନ୍‌ସାର୍ ସମାନ୍ ଥିତି ଲାଗି ରହେବାର୍‌ନୁ ଉପାଧ୍ୟକ୍ଷ ହରିବଂଶ ଆଏବାକାଏଲ୍‌ତକ୍ ରାଜ୍ୟସଭାକେ ମୁଲ୍‌ତବୀ ଘୋଷ୍‌ନା କରିଥିଲେ ।

ମୁଖ୍ୟମନ୍ତ୍ରୀ-ଜନଅଭିଯୋଗ୍ ଶୁଣାଣି / ଭୁବ୍‌ନେଶ୍ୱର୍ ସମ୍ବାଦଦାତା

ମୁଖ୍ୟମନ୍ତ୍ରୀ ମୋହନ୍ ଚରଣ୍ ମାଝୀ ଭୁବ୍‌ନେଶ୍ୱର୍ ଜନଅଭିଯୋଗ୍ ଶୁଣାଣି ପ୍ରକୋଷ୍ଠ ଠାନେ ଆଏଜ୍ ଲୁକ୍‌କର୍ ଭିନ୍ ଭିନ୍ ଅଭିଯୋଗ୍ ମାନ୍‌କର୍ ଶୁଣାଣି କରିଛନ୍ । ତାଙ୍କର୍ ୧୩ ନମ୍ବର ଅଭିଯୋଗ୍ ଶୁଣାଣି ଶିବିର୍‌ଥି ମୁଖ୍ୟମନ୍ତ୍ରୀ ଶ୍ରୀ ମାଝୀ ଆଏଜ୍ ହଜାରେଟା ଅଭିଯୋଗ୍ ଗ୍ରହଣ୍ କରିଥିଲେ । ଇ ଅବ୍‌ସରେ ୩ ଝନ୍ ଅଭିଯୋଗ୍‌କାରୀଙ୍କୁ ମୁଖ୍ୟମନ୍ତ୍ରୀ ରିଲିଫ୍ ପାଣ୍ଠିନୁ ଦେଢ଼୍‌ଲାଖ୍ ଟଙ୍କା ଚିକିତ୍ସା ସାହାଜ୍ ଯୁଗେଇ ଦିଆଯାଇଛେ । ଶିବିର୍‌ଥି ବହୁତ୍‌ଟେ ଅଭିଯୋଗ୍‌ର ତୁର୍‌ତି ସମାଧାନ୍ କରାଯିବାର୍ ସହେତେ ବାକି ଅଭିଯୋଗ୍‌ମାନ୍‌କର୍ ସମାଧାନ୍ ଦିଗେ ଜଲ୍‌ଦି ପଦକ୍ଷେପ୍ ନେବାର୍‌କେ ମୁଖ୍ୟମନ୍ତ୍ରୀ ବିଭାଗୀୟ ମନ୍ତ୍ରୀ ଆଉ

ଅଧିକାରୀମାନ୍‌କୁ ନିର୍ଦ୍ଦେଶ୍ ଦେଇଛନ୍ । ଆଝିରର୍ ଶିବିର୍‌ଥି ୯ ଝନ୍ ମନ୍ତ୍ରୀ ଆଉ ବିଭାଗୀୟ ସଚିବ ମାନେ ଯୋଗ୍ ଦେଇଥିଲେ । ସୂଚ୍‌ନା ଅନ୍‌ସାରେ ମୁଖ୍ୟମନ୍ତ୍ରୀ ଶ୍ରୀ ମାଝୀ ଏବ୍‌ତକ୍ ୧୧ ହଜାର୍ ୫ ଶହ ୧୬ ଟା ଅଭିଯୋଗ୍ ଭିତ୍‌ରୁ ୧୦ ହଜାର୍ ୫ ଶହ ୨ ଟା ଅଭିଯୋଗ୍‌ର ସମାଧାନ୍ କରିଛନ୍ ।

ଆୟୁଷ୍ମାନ୍ ଯୋଜ୍‌ନା-ଲୋକ୍‌ସଭା ହି.ସ.

ଆୟୁଷ୍ମାନ୍ ଯୋଜ୍‌ନା ଅଧୀନ୍‌ଥି ୩ ମାସ୍ ଭିତ୍‌ରେ ଓଡ଼ିଶାର୍ ଅଢ଼େଇ ଲାଖ୍ ନୁ ଅଏତ୍‌କା ଲୁକ୍‌କୁ ଚିକିତ୍ସା ସୁବିଧା ଯୁଗେଇ ଦିଆଯାଇଛେ ବଲି କେନ୍ଦ୍ର ସ୍ୱାସ୍ଥ୍ୟ ରାଷ୍ଟ୍ରମନ୍ତ୍ରୀ କହିଛନ୍ । ଲୋକ୍‌ସଭା ନ ଆୟୁଷ୍ମାନ୍ ଯୋଜ୍‌ନା ବାବଦ୍ ତଥ୍ୟ ରଖିକରି ମନ୍ତ୍ରୀ କହିଛନ୍, ଗଲା ଏପ୍ରିଲ୍ ମାସର୍ ୧୧ ତାରିଖ୍‌ନୁ ଆୟୁଷ୍ମାନ୍ ଯୋଜ୍‌ନା ଓଡ଼ିଶା ନ ଲାଗୁ କରାଯାଇଥିଲା । ଜୁନ୍ ୩୦ ତାରିଖ୍‌ତକ୍ ଯୋଜ୍‌ନା ଅଧୀନ୍‌ଥି ୨ ଲାଖ୍ ୬୨ ହଜାର୍ ୯୧ ଝନ୍ ଲୁକ୍‌କୁ ଚିକିତ୍ସା ସୁବିଧା ଯୁଗେଇ ଦିଆଯାଇଛେ । ଏବ୍‌ତକ୍ ରାଜ୍ୟର୍ ୩ କୋଟି ୪୪ ଲାଖ୍ ୭୨ ହଜାର୍ ୨ ଶହ ୩୭ ଝନ୍ ଲୋକ୍ ଆୟୁଷ୍ମାନ୍ କାର୍ଡ଼ କରିସାରିଛନ୍ । ଆୟୁଷ୍ମାନ୍ ହିତାଧିକାରୀ ସଂଖ୍ୟାଥି ଓଡ଼ିଶା ଦେଶେ ୨ ନମ୍ବର୍ ଠାନେ ରହିଛେ ବଲି ମନ୍ତ୍ରୀ ସୂଚ୍‌ନା ଦେଇଛନ୍ ।

ଜାତୀୟ ଶିକ୍ଷାନୀତି -୨୦୨୦-୫ ବଛର୍       ପି.ଆଇ.ବି.

ଜାତୀୟ ଶିକ୍ଷାନୀତି -୨୦୨୦ ଲାଗୁ କର୍‌ବାର୍ ଆଏବା କାଏଲ୍ ୫ ବଛର୍ ପୁରା ହେବା । ଇ ଅବ୍‌ସରେ କେନ୍ଦ୍ର ଶିକ୍ଷାମନ୍ତ୍ରଣାଳୟ ତର୍‌ଫୁ ଅଖିଳ ଭାରତୀୟ ଶିକ୍ଷା ସମାଗମ କାର୍ଯ୍ୟକ୍ରମ୍‌ର ଆୟୋଜନ୍ କରାଯାଇଛେ । ନୂଆଦିଲ୍ଲୀର୍ ଭାରତ୍ ମଣ୍ଡପମ୍ ଠାନେ ହେବାର୍‌କେ ଥିବା କାର୍ଯ୍ୟକ୍ରମ୍‌କେ କେନ୍ଦ୍ର ଶିକ୍ଷାମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ୍ ଉଦ୍‌ଘାଟନ୍ କର୍‌ବେ । ଇ ଅବ୍‌ସରେ ବହୁତ୍‌ଟେ ନୂଆଁ ପଦକ୍ଷେପ୍ ଆଉ ଶିକ୍ଷାନୁଷ୍ଠାନ୍‌ମାନ୍‌କର୍ ଉଦ୍‌ଘାଟନ୍ ଆଉ ଶିଳାନ୍ୟାସ୍ କର୍‌ବେ ।

ରାଜସ୍ୱ ମନ୍ତ୍ରୀ-ବନ୍ୟା ଥିତି       ଭୁବ୍‌ନେଶ୍ୱର୍ ସମ୍ବାଦଦାତା

ବନ୍ୟା ନୁକ୍‌ସାନ୍ ରିପୋର୍ଟ ଆସ୍‌ବାର୍ ୨୪ ଘଂଟା ଭିତ୍‌ରେ ଲୁକ୍‌କୁ ଭର୍‌ନା ଦିଆଯିବା ବଲି ରାଜସ୍ୱ ଆଉ ବପର୍ଯ୍ୟୟ ପରିଚାଲନା ମନ୍ତ୍ରୀ ସୁରେଶ୍ ପୂଜାରୀ କହିଛନ୍ । ସେ କହିଛନ୍, ରାଏଜେ ବନ୍ୟା ଥିତି ସୁଧିରିବାର୍‌ଥି ଲାଗିଛେ । ନଦୀ ମାନ୍‌କେ ଜଲ୍‌ସ୍ତର୍ କମିଛେ ।  ତଲି ଇଲାକାମାନ୍‌କର୍ ପାଏନ୍ ଭିଲ୍ ଧିରେ ଧିରେ କମ୍‌ବାର୍‌କେ ଲାଗିଛେ ।  ବନ୍ୟା ଆଶ୍ରୟସ୍ଥଲୀମାନ୍‌କେ ଲୁକେ ଥିବାର୍‌ତକ୍ ସେମାନ୍‌କୁ

ରାନ୍ଧ୍‌ଲା ଖାଦ୍ୟ ଯୁଗେଇ ଦିଆଯିବା ବଲି ମନ୍ତ୍ରୀ ଶ୍ରୀ ପୂଜାରୀ କହିଛନ୍ । ଆଏବାକାଏଲ୍ ମୁଖ୍ୟମନ୍ତ୍ରୀ ମୋହନ୍ ଚରଣ୍ ମାଝୀ ଆକାଶ୍‌ମାର୍ଗନୁ ବନ୍ୟା ଇଲାକା ବୁଲି ଦେଖ୍‌ବେ ବଲି ଶ୍ରୀ ପୂଜାରୀ କହିଛନ୍ ।

## ରାଜ୍ୟ ପଂଚାୟତ୍ ପୁରସ୍କାର I&PR

ପଂଚାୟତିରାଜ୍ ବ୍ୟବସ୍ଥାକେ ଫଟିକ୍ କର୍‌ବାର୍ ଲାଗି ରାଜ୍ୟ ପଂଚାୟତ୍ ପୁରସ୍କାର୍ ଦିଆଯିବା ବଲି ପଂଚାୟତିରାଜ୍ ମନ୍ତ୍ରୀ ରବି ନାରାୟଣ୍ ନାଏକ୍ କହିଛନ୍ । ସେ କହିଛନ୍, ୯ ଟା ବିଷୟବସ୍ତୁ ଆଉ ଭଲ୍ ପ୍ରଦର୍ଶନ୍ କରିଥିବା ସ୍ୱାୟତ ସଂସ୍ଥାମାନ୍‌କୁ ଶହେ ୨୯ ଟା ପୁରସ୍କାର୍ ଦିଆଯିବା । ଇ ପୁରସ୍କାର୍ ଲାଗି ୪ କୋଟି ଟଙ୍କା ଖର୍ଚ୍ଚା କରାଯିବା । ଯେନ୍ ପଂଚାୟତ୍, ପଂଚାୟତ୍ ସମିତି ଆଉ ଜିଲ୍ଲା ପରିଷଦ୍ ରାଏଜେ ସୁଶାସନ୍, ଲୁକ୍‌କର୍ ଜୀବିକାକେ ବର୍‌କସ୍ କର୍‌ବାର୍ ଦିଗେ ପଦକ୍ଷେପ୍ ନେବେ ଆଉ ଲୁକ୍‌କୁ ଉତ୍କୃଷ୍ଟ ସେବା ଯୁଗେଇ ଦେବେ ସେମାନ୍‌କୁ ପଂଚାୟତିରାଜ୍ ପୁରସ୍କାର୍ ଦିଆଯିବା । ରାଜ୍ୟସ୍ତର୍‌ନୁ ବ୍ଲକ୍‌ସ୍ତର୍‌ତକ୍ ୨୫ ଲାଖ୍ ଟଙ୍କାନୁ ଲାଖେ ଟଙ୍କାତକ୍ ପୁରସ୍କାର୍ ଦିଆଯିବା । ଇ ପୁରସ୍କାର୍ ଲାଗି ପଂଚାୟତିରାଜ୍ ଅନୁଷ୍ଠାନ୍ ମାନ୍‌କର୍ ପ୍ରଦର୍ଶନ୍‌ଥି ବହୁତ୍‌ଟେ ଉନ୍ନତି ହେଇପାର୍‌ବା ବଲି ମନ୍ତ୍ରୀ ଶ୍ରୀ ନାଏକ୍ କହିଛନ୍ ।

ରାଜ୍ୟ ଉଚ୍ଚଶିକ୍ଷା ବିଭାଗ୍-ଇନ୍‌ଷ୍ଟାଗ୍ରାମ୍ I&PR

ରାଜ୍ୟ ଉଚ୍ଚଶିକ୍ଷା ବିଭାଗ୍‌ର ଇନ୍‌ଷ୍ଟାଗ୍ରାମ୍ ଏକାଉଂଟ୍ ଆଏଜ୍ କିଛି ସମିଆ ଲାଗି ହେକ୍ ହେଇଯାଇଥିଲା । ବିଭାଗ୍‌ର କାର୍ଯ୍ୟକଳାପ୍‌ଥି ସମ୍ପୃକ୍ତ ନାଇଁଥିବାର୍ କିଛି ପୋଷ୍ଟ୍ ଆକାଉଂଟ୍‌ଥି ଅପ୍‌ଲୋଡ୍ ହେଇଥିବାର୍ ନଜର୍‌କେ ଆସ୍‌ବାର୍ ଉତ୍‌ରୁ ବିଭାଗ୍ ତର୍‌ଫୁ ତୁର୍‌ତି ସେସବୁକେ ହଟେଇ ଦିଆଯାଇଥିଲା । ଘଟ୍‌ନାକେ ନେଇକରି ଉଚ୍ଚଶିକ୍ଷା ବିଭାଗ୍ ତର୍‌ଫୁ ଛାନ୍‌ଭିନ୍ ଜାରି ରହିଥିବାର୍ ସୂଚ୍‌ନା ଦିଆଯାଇଛେ ।

ବିଶ୍ୱ ହେପାଟାଇଟିସ୍ ଦିବସ୍ ଆର୍‌ଏନ୍‌ୟୁ ସମ୍ବଲପୁର୍

‘ଆସୁନ୍ ସଭେ ମିଶିକରି ହେପାଟାଇଟିସ୍ ଆଉ ଯକୃତ କର୍କଟ ରୋଗ୍‌କେ ପ୍ରତିହତ୍ କର୍‌ମା’ ବାର୍ତା ନେଇକରି ଆଏଜ୍ ପାଲନ୍ କରାଯାଉଛେ ବିଶ୍ୱ ହେପାଟାଇଟିସ୍ ଦିବସ୍ । ଇ ବଛ୍‌ରର୍ ବାର୍ତା ଜରିଏ ହେପାଟାଇଟିସ୍ ଆଉ ଯକୃତ କର୍କଟ ରୋଗର୍ ନିରାକରଣ୍ ଦିଗେ ରହିଥିବା ଆର୍ଥିକ୍, ସାମାଜିକ୍ ଆଉ ବ୍ୟବସ୍ଥାଗତ ବାଧାକେ ଦୂର୍ କର୍‌ବାର୍ ଦିଗେ ପଦକ୍ଷେପ୍ ନେବାରକେ ଆହ୍ୱାନ୍ ଦିଆଯାଇଛେ ।

ଯକୃତ ବା ଲିଭର୍ ରୋଗ ବାବ୍‌ଦେ ଲୁକ୍‌କୁ ସଚେତନ୍ କର୍‌ବାର୍ ଲାଗି ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନ୍ ତର୍‌ଫୁ ୨୦୧୦ ମସିହାନୁ ବିଶ୍ୱ ହେପାଟାଇଟିସ୍ ଦିବସ୍ ପାଲନ୍ କରାଯାଉଛେ । ଡବ୍ଲୁ.ଏଚ୍.ଓ. ର ସୂଚ୍‌ନା ଅନ୍‌ସାରେ ପୁରଥି ନ ଫି ୩୦ ସେକେଣ୍ଡ୍‌ଥି ହେପାଟାଇଟିସ୍ ରୋଗ୍‌ଥି ଝନେ ଲୁକର୍ ଜୀବନ୍ ଯାଉଛେ । ଭାରତ୍ ନ ଫି ବଛର୍ ହେପାଟାଇଟିସ୍ ରୋଗ୍‌ଥି ୧୪ ଲାଖ୍ ଲୁକ୍‌କର୍ ଜୀବନ୍ ଯାଉଥିବାର୍ ଜନାପଡ଼ିଛେ । ୨୦୩୦ ମସିହାତକ୍ ହେପାଟାଇଟିସ୍ ଭାଇରସ୍‌କେ ଦୂର୍ କର୍‌ବାର୍ ଲାଗି ଡବ୍ଲୁ.ଏଚ୍.ଓ. ତର୍‌ଫୁ ସବୁ ଦେଶ୍‌କେ ମିଶିକରି କାମ୍ କର୍‌ବାର୍‌କେ ଆହ୍ୱାନ୍ ଦିଆଯାଇଛେ ।

ହେପାଟାଇଟିସ୍ ବାଗିର୍ ଭୂତାଣୁ ବାହକ୍ ରୋଗ୍ ବାବ୍‌ଦେ ସଚେତନ୍ ରହେବାର୍‌କେ ସ୍ୱାସ୍ଥ୍ୟମନ୍ତ୍ରୀ ଡକ୍ଟର୍ ମୁକେଶ୍ ମହାଲିଙ୍ଗ୍ ପରାମର୍ଶ ଦେଇଛନ୍ ।

ମିଲିତ୍ ଜନ ଅଭିଯୋଗ୍ ଶୁଣାଣି ସମ୍ବଲପୁର/ବୌଦ୍ଧ/ସୁବର୍ଣ୍ଣପୁର୍

ପଶ୍ଚିମ ଓଡ଼ିଶାର୍ ଭିନ୍ ଭିନ୍ ଜିଲ୍ଲା ନ ଆଏଜ୍ ଜିଲ୍ଲାପାଳ୍ ଆର୍ ଆରକ୍ଷୀ ଅଧିକ୍ଷକ୍‌ମାନେ ମିଲିତ୍ ଜନ ଅଭିଯୋଗ୍ ଶୁଣାଣି କରିଛନ୍ ।

ସମ୍ବଲପୁର୍ ଜିଲ୍ଲା ବାମ୍ରା ବ୍ଲକ୍ କାର୍ଯ୍ୟାଳୟ ଠାନେ ଜିଲ୍ଲାପାଲ୍ ଆର୍ ଆରକ୍ଷୀ ଅଧିକ୍ଷକଙ୍କର୍ ଯୁଗ୍ମ ଅଭିଯୋଗ୍ ଶୁଣାଣି ଶିବିର ହେଇଯାଇଛେ । ଶିବିର୍‌ଥି ୯୦ ଟା ଅଭିଯୋଗ୍ ଆସିଥିଲା ବେଲ୍‌କେ ସେଥୁ ୬ ଟା ଅଭିଯୋଗ୍‌ର ତୁର୍‌ତି ସମାଧାନ୍ କରାଯାଇଥିଲା । ରେଡ୍‌କ୍ରସ୍ ଅଧୀନ୍‌ଥି ୫ନେ ଲୁକ୍‌କୁ ୧୦ ହଜାର୍ ଟଙ୍କା ଆର୍ ସି.ଏମ୍.ଆର୍.ଏଫ୍ ଅଧୀନ୍‌ଥି ୫ନେ ଅଭିଯୋଗ୍‌କାରୀକେ ୧୫ ହଜାର୍ ଟଙ୍କା ସାହାଜ୍ ଦିଆଯାଇଥିଲା ।

ସୁବର୍ଣ୍ଣପୁର୍ ଜିଲ୍ଲା ତର୍‌ଭା ବ୍ଲକ୍ କାର୍ଯ୍ୟାଳୟ ସମ୍ମିଳନୀ କକ୍ଷ ଠାନେ ହେଇଥିବା ଜନଶୁଣାଣି ଶିବିର୍‌ଥି ୪୦ ଟା ଅଭିଯୋଗ୍ ଆସିଥିଲା । ସେଥୁ ୨ ଟା ଅଭିଯୋଗ୍‌ର ତୁର୍‌ତି ସମାଧାନ୍ କରାଯାଇଥିଲା ।

ବୌଦ୍ଧ ଜିଲ୍ଲା ସଦର୍ ବ୍ଲକ୍ ଟିକର୍‌ପଡ଼ା ପଂଚାୟତ୍ କାର୍ଯ୍ୟାଳୟ ଠାନେ ଜନଅଭିଯୋଗ୍ ଶୁଣାଣି ଶିବିର୍ ହେଇଯାଇଛେ । ଶିବିର୍‌ଥି ୩୪ ଟା ଅଭିଯୋଗ୍ ଆସିଥିଲା । ସେଥିର୍‌ଭିତ୍‌ରୁ ୧୫ ଟା ଅଭିଯୋଗ୍‌ର ତୁର୍‌ତି ସମାଧାନ୍ କରାଯାଇଥିଲା ।

ଦେବ୍‌ଗଡ଼୍ ଜିଲ୍ଲା ତିଲେଇବଣି ବ୍ଲକ୍ କଂସର୍ ପଂଚାୟତ୍ ସମ୍ମିଳନୀ କକ୍ଷ ନ ହେଇଥିବା ଜନଶୁଣାଣି ଶିବିର୍‌ଥି ୨୪ ଟା ଅଭିଯୋଗ୍ ଆସିଥିଲା । ଶିବିର୍ ମାନ୍‌କେ ଜିଲ୍ଲାପାଲ୍ ଆର୍ ଆରକ୍ଷୀ ଅଧିକ୍ଷକ ମାନେ ଅଭିଯୋଗ୍ ମାନ୍‌କୁ ଗ୍ରହଣ୍ କରିକରି ତୁର୍‌ତି ସମାଧାନ୍ କର୍‌ବାର୍‌କେ ବିଭାଗୀୟ ଅଧିକାରୀମାନ୍‌କୁ ନିର୍ଦ୍ଦେଶ୍ ଦେଇଛନ୍ ।

ବୌଦ୍ଧ-ଆର୍.ଡବ୍ଲୁ.ଏସ୍.ଏସ୍.ର ମୁଖ୍ୟଯନ୍ତ୍ରୀ ବୌଦ୍ଧ ସମ୍ବାଦଦାତା

ଆର୍.ଡବ୍ଲୁ.ଏସ୍.ଏସ୍.ର ମୁଖ୍ୟଯନ୍ତ୍ରୀ ନାରାୟଣ୍ ପ୍ରସାଦ୍ ଗାନ୍ଧୀ ଆଏଜ୍ ଦିନ୍‌କିଆ ବୌଦ୍ଧ ଗସ୍ତ କରିକରି ଭିନ୍ ଭିନ୍ ଉନ୍ନୟନ୍ କାମ୍‌ର ସମୀକ୍ଷା କରିଛନ୍ । ଜିଲ୍ଲାର୍ ହର୍‌ଭଙ୍ଗା ପାଖେ ମହାନଦୀ ନ ତିଆର୍ ଚାଲିଥିବା ପିଇବାର୍ ପାଏନ୍ ପ୍ରକଳ୍ପର୍ କାମ୍ ବୁଲି ଦେଖିକରି ତଦାରଖ୍ କରିଛନ୍ । ପ୍ରକଳ୍ପ କାମ୍ ତୁର୍‌ତି ସାର୍‌ବାର୍ ଲାଗି ଠିକା ସଂସ୍ଥାକେ ନିର୍ଦ୍ଦେଶ୍ ଦେଇଛନ୍ । ଇ ଅବ୍‌ସରେ ମହାନଦୀ ଭିତ୍‌ରେ ତିଆର୍ ହେଇଥିବା ଇନ୍‌ଟାକ୍ ଚୁଆଁକେ ଭିଲ୍ ବୁଲି ଦେଖିଥିଲେ । ଗସ୍ତ ସମିଆଥି ହର୍‌ଭଙ୍ଗା ଗୋଷ୍ଠୀ ଉନ୍ନୟନ୍ ଅଧିକାରୀଙ୍କର୍ ସହେତେ ଜଳଯୋଗାଣ ବିଭାଗ୍‌ର ଅଧିକାରୀମାନେ ଉପସ୍ଥିତ୍ ଥିଲେ ।

ସୁବର୍ଣ୍ଣପୁର୍‌ର ନୂଆଁ ଜିଲ୍ଲାପାଳ ସୁବର୍ଣ୍ଣପୁର୍ ସମ୍ବାଦଦାତା

ସୁବର୍ଣ୍ଣପୁର୍‌ର ନୂଆଁ ଜିଲ୍ଲାପାଲ୍ ଭାବେ ଡକ୍ଟର୍ ନୃପରାଜ୍ ସାହୁ ଆଏଜ୍ ଦାୟିତ୍ୱ ନେଇଛନ୍ । କାର୍ଯ୍ୟଥି ଯୋଗ୍ ଦେବାର୍ ଉତ୍‌ରୁ ଜିଲ୍ଲାର୍ କୃଷି ପର୍ଯ୍ୟଟନ୍ ଆଉ ଗ୍ରାମୀଣ୍ ହସ୍ତତନ୍ତର୍ ବିକାଶ୍‌କେ ଗୁରୁତ୍ୱ ଦେବାର୍ ସହେତେ ସୁବର୍ଣ୍ଣପୁର୍‌କେ ଗୁଟେ

ଅଗ୍ରଣୀ ଜିଲ୍ଲା ଭାବେ ବିକଶିତ୍ କର୍‌ବାର୍ ଲକ୍ଷ୍ୟଥି କାମ୍ କର୍‌ବେ ବଲି ଶ୍ରୀ ସାହୁ କହିଛନ୍ ।

ବଲାଙ୍ଗିର୍- ଦୁର୍ଘଟଣା ଆର୍‌ଏନ୍‌ୟୁ/ ସମ୍ବଲପୁର/ଏକ୍ସ

ବଲାଙ୍ଗିର୍ ଜିଲ୍ଲା ସିନ୍ଧେକେଲା ଥାନା ଜାମ୍‌ଖୁଂଟା ଗାଁ ପାଖେ ବାଇକ୍ ଦୁର୍ଘଟଣାଥି ବାପ୍ ପୁଓଙ୍କର୍ ଜୀବନ୍ ଯାଇଛେ । ମୃତକ୍‌ମାନେ ନୂଆପଡ଼ା ଜିଲ୍ଲାର୍ ବଲି ଜନାପଡ଼ିଛେ । ଖବର୍ ପାଇକରି ପୁଲିସ୍ ଟିମ୍ ପୁହୁଁଚିକରି ମଲା ଦିହି ଜବତ୍ କର୍‌ବାର୍ ସହେତେ ଛାନ୍‌ଭିନ୍ ମୁଲ୍ କରିଛେ ।

ଦିବ୍ୟା ଦେଶ୍‌ମୁଖ ଆର୍‌ଏନ୍‌ୟୁ/ ସମ୍ବଲପୁର

ଫିଡ଼େ ମହିଳା ଚେସ୍ ବିଶ୍ୱକପ୍ -୨୦୨୫ ଟାଇଟଲ୍ ଜିତିଛନ୍ ଭାରତ୍‌ର ଦିବ୍ୟା ଦେଶ୍‌ମୁଖ । ଜର୍ଜିଆ ଠାନେ ହେଇଥିବା ଫାଇନାଲ୍ ମେଚ୍‌ଥି ଦିବ୍ୟା ଭାରତ୍‌ର କୋରେନୁ ହେମ୍ପି ଙ୍କୁ ହରେଇକରି ଇ ଟାଇଟଲ୍ ଜିତିଛନ୍ । ଫିଡ଼େ ମହିଳା ବିଶ୍ୱକପ୍ ଜିତ୍‌ବାର୍‌ଥି ଦିବ୍ୟା ହେଉଛନ୍ ଦେଶର୍ ୪ ନମ୍ବର୍ ମହିଳା ଖେଲାଲି । ଦିବ୍ୟାଙ୍କର୍ ଇ ବିଜୟ ଲାଗି ପ୍ରଧାନ୍‌ମନ୍ତ୍ରୀ ନରେନ୍ଦ୍ର ମୋଦୀ ତାଙ୍କୁ ଶୁଭେଚ୍ଛା ଜନେଇଛନ୍ ।

ପାଣିପାଗ        ଆର୍‌ଏନ୍‌ୟୁ/ ସମ୍ବଲପୁର

ବଙ୍ଗୋପ୍‌ସାଗର୍ ନ ସୃଷ୍ଟି ହେଇଥିବା ଲଘୁଚାପ୍ ବଲେ ରାଏଜେ ବର୍ଷା ଲାଗି ରହିଛେ । ଆଏବା ୨୪ ଘଂଟା ଭିତ୍‌ରେ ସମ୍ବଲ୍‌ପୁର୍, ଦେବ୍‌ଗଡ୍, ଝାର୍‌ସୁଗୁଡ଼ା, ସୁନ୍ଦର୍‌ଗଡ୍, ବର୍‌ଗଡ୍ ସହେତେ ୨୦ ଟା ଜିଲ୍ଲା ନ ଘଡ୍‌ଘଡ଼ି ସହେତେ ଜବର୍ ବର୍ଷା ହେଇପାରେ ବଲି ଭୁବ୍‌ନେଶ୍ୱର୍ ଆଂଚଲିକ ପାଣପାଗ ବିଜ୍ଞାନ୍ କେନ୍ଦ୍ର ତର୍‌ଫୁ ସତର୍କ ସୂଚ୍‌ନା ଜାରି କରାଯାଇଛେ ।

ସେଆଡ଼େ ହୀରାକୁଦ୍ ଜଲ୍‌ଭଣ୍ଡାର୍‌ନୁ ୨୦ ଟା ଗେଟ୍ ଦେଇକରି ପାଏନ୍ ଛଡ଼ାଯାଉଛେ । ଆଏଜ୍ ସଞ୍ଝର୍ ୬ ବଜେତକ୍ ଫି ସେକେଣ୍ଡଥି ଜଲ୍‌ଭଣ୍ଡାର୍‌କେ ୩ ଲାଖ୍ ୨ ହଜାର୍ ୫ ଶହ ୧୪ ଘନ୍‌ଫୁଟ୍ ପାଏନ୍ ଆସୁଥିବାର୍ ବେଲ୍‌କେ ୩ ଲାଖ୍ ୪୫ ହଜାର୍ ୪ ଶହ ୧୭ ଘନଫୁଟ୍ ପାଏନ୍ ଛଡ଼ା ଯାଉଛେ । ଇ ସମିଆଥି ଜଲ୍‌ଭଣ୍ଡାର୍ ଜଲ୍‌ସ୍ତର୍ ୬ ଶହ ୧୫ ଦଶ୍‌ମିକ୍ ୧/ଶୂନ୍ ଫୁଟ୍ ରହିଛେ ।